# ବିଳମ୍ବିତ ରାତିରେ ପହଞ୍ଚି ବିଶ୍ରାମ ନେଲେ ମା’



ମା’ଙ୍କୁ ପୂଜାର୍ଚ୍ଚନା କରାଯାଉଛି।



ନଗର ଭ୍ରମଣ ତାଲିକା

| ଦେବୀଙ୍କ ନଗର ଭ୍ରମଣ | ତାରିଖ | ମାନସିକ ଧାରା |
|---|---|---|
| ୧ମ ଦିବସ | ୨୮.୦୪.୨୦୨୬ (ମଙ୍ଗଳବାର) | [illegible] ଦେଶୀ ବେହେରାଙ୍କ ବାସଭବନ। |
| ୨ୟ ଦିବସ | ୨୯.୦୪.୨୦୨୬ (ବୁଧବାର) | [illegible] |
| ୩ୟ ଦିବସ | ୩୦.୦୪.୨୦୨୬ (ଗୁରୁବାର) | ବିଶ୍ରାମ |
| ୪ର୍ଥ ଦିବସ | ୦୧.୦୫.୨୦୨୬ (ଶୁକ୍ରବାର) | ଶ୍ରୀ [illegible] (ମେଡିକାଲ ରୋଡ୍) |
| ୫ମ ଦିବସ | ୦୨.୦୫.୨୦୨୬ (ଶନିବାର) | ଶ୍ରୀ [illegible] ସାହି। |
| ୬ଷ୍ଠ ଦିବସ | ୦୩.୦୫.୨୦୨୬ (ରବିବାର) | [illegible] ମରାଠି ସାହି। |
| ୭ମ ଦିବସ | ୦୪.୦୫.୨୦୨୬ (ସୋମବାର) | ଶ୍ରୀ ବିଶ୍ୱ ରଞ୍ଜନ ସାହୁ, ରଘୁନାଥ ବିହାର। |
| ୮ମ ଦିବସ | ୦୫.୦୫.୨୦୨୬ (ମଙ୍ଗଳବାର) | [illegible] |
| | | [illegible] |
| ୯ମ ଦିବସ | ୦୬.୦୫.୨୦୨୬ (ବୁଧବାର) | [illegible] ଏସ୍.ବି.ଆଇ. ଛକ ଓ ଏସ୍.ବି.ପି.ଙ୍କ ବାସଭବନ। |
| ୧୦ମ ଦିବସ | ୦୭.୦୫.୨୦୨୬ (ଗୁରୁବାର) | ବିଶ୍ରାମ |
| ୧୧ତମ ଦିବସ | ୦୮.୦୫.୨୦୨୬ (ଶୁକ୍ରବାର) | [illegible] ମରାଠି ସାହି |
| ୧୨ତମ ଦିବସ | ୦୯.୦୫.୨୦୨୬ (ଶନିବାର) | [illegible] |
| ୧୩ତମ ଦିବସ | ୧୦.୦୫.୨୦୨୬ (ରବିବାର) | [illegible] |
| ୧୪ତମ ଦିବସ | ୧୧.୦୫.୨୦୨୬ (ସୋମବାର) | [illegible] |
| ୧୫ତମ ଦିବସ | ୧୨.୦୫.୨୦୨୬ (ମଙ୍ଗଳବାର) | [illegible] ମାର୍କେଟ୍, ଭଞ୍ଜନଗର। |
| ୧୬ତମ ଦିବସ | ୧୩.୦୫.୨୦୨୬ (ବୁଧବାର) | [illegible] |
| ୧୭ତମ ଦିବସ | ୧୪.୦୫.୨୦୨୬ (ଗୁରୁବାର) | ବିଶ୍ରାମ |
| ୧୮ତମ ଦିବସ | ୧୫.୦୫.୨୦୨୬ (ଶୁକ୍ରବାର) | [illegible] ଶାନ୍ତି ହୋମ |
| ୧୯ତମ ଦିବସ | ୧୬.୦୫.୨୦୨୬ (ଶନିବାର) | ସାବିତ୍ରୀ ଅମାବାସ୍ୟା |
| ୨୦ତମ ଦିବସ | ୧୭.୦୫.୨୦୨୬ (ରବିବାର) | ପୌର ପରିଷଦ, ଭଞ୍ଜନଗର |
| ୨୧ତମ ଦିବସ | ୧୮.୦୫.୨୦୨୬ (ସୋମବାର) | [illegible] ଭଞ୍ଜନଗର |
| ୨୨ତମ ଦିବସ | ୧୯.୦୫.୨୦୨୬ (ମଙ୍ଗଳବାର) | ମା’ ବ୍ୟାଘ୍ରଦେବୀଙ୍କ [illegible] |
| ୨୩ତମ ଦିବସ | ୨୦.୦୫.୨୦୨୬ (ବୁଧବାର) | ଦେବୀଙ୍କ ପ୍ରତ୍ୟାବର୍ତ୍ତନ। |

କାର୍ଯ୍ୟସୂଚୀ।

**ଭଞ୍ଜନଗର,୨୭।୪(ବାବୁଲା ପ୍ରଧାନ)**

## ମଙ୍ଗଳବାର ଦେବୀଙ୍କ ନଗର ଭ୍ରମଣ

ଗଞ୍ଜାମ ଜିଲା ଭଞ୍ଜନଗର ଠାକୁରାଣୀ ଯାତ୍ରାର ଦେବୀଙ୍କ ଆଗମନ ଶାନ୍ତି ଶୃଙ୍ଖଳାର ସହ ଶେଷ ହୋଇଛି। ବ୍ୟାଘ୍ର ଦେବୀଙ୍କୁ କୁଲାଡରୁ ଏକ ଶୋଭାଯାତ୍ରାରେ ରବିବାର ଅଣାଯାଇଥିଲା। ରାତି ପ୍ରାୟ ୨ଟାରେ ଦେବୀ ଅସ୍ଥାୟୀ ମଣ୍ଡପରେ ବିଜେ କରି ବିଶ୍ରାମ ନେଇଥିଲେ। ପରେ ଠାକୁରାଣୀଙ୍କୁ ପୁଣି ଶୋଭାଯାତ୍ରାରେ ଅଣାଯାଇଥିଲା। ସୋମବାର ଭୋର ସାଢ଼େ ୪ଟାରେ ଦେବୀ ଠାକୁରାଣୀ ଅସ୍ଥାୟୀ ମଣ୍ଡପରେ ପହଞ୍ଚି ବିଶ୍ରାମ ନେଇଥିଲେ । ମଙ୍ଗଳବାରଠାରୁ ଦେବୀଙ୍କ ନଗର ପରିକ୍ରମା ଆରମ୍ଭ ହେବ। ଦେବୀ ଅସ୍ଥାୟୀ ମଣ୍ଡପରୁ ପୂର୍ବମୁଖା ହୋଇ ବାହାରି ପୁରୁଣା ମେଡିକାଲ ଛକ ପର୍ଯ୍ୟନ୍ତ ଯିବେ। ସେଠାରୁ ପଶ୍ଚିମ ମୁଖା ହୋଇ ପୁରୁଣା ବଜାର ସାହି ହୋଇ ଡେରାସାହିସ୍ଥିତ ଦେଶୀ ବେହେରାଙ୍କ ବାସଭବନକୁ ଯିବେ। ସେଠାରେ ଦେବୀଙ୍କ ପୂଜାର୍ଚ୍ଚନା ପରେ ପୁଣି ଅସ୍ଥାୟୀ ମଣ୍ଡପ ଅଭିମୁଖେ ବାହାରି ବିଶ୍ରାମ ନେବାର କାର୍ଯ୍ୟକ୍ରମ ରହିଛି। ସୋମବାର ଯାତ୍ରା କମିଟି ପକ୍ଷରୁ ଦେବୀଙ୍କ ବିଭିନ୍ନ ଦିବସର ନଗର ପରିକ୍ରମା କାର୍ଯ୍ୟକ୍ରମ ପ୍ରକାଶିତ ହୋଇଛି।

# ଆମ୍ବ ତୋଟାରୁ କାଠ ଜବତ

**ଚିକିଟି, ୨୭।୪ (ପ୍ରକାଶ ଚନ୍ଦ୍ର ସାହ)**

ଚିକିଟି ସେକ୍ସନ ଅଧିନସ୍ଥ ଲିଆଖାଇ ଗ୍ରାମରେ ନିକଟରେ ଥିବା ଏକ ଆମ୍ବ ତୋଟାରୁ ଏକ ସ୍ପେସିଆଲ ଟିମ ଚଢ଼ାଉ କରି ୫୦ ଫୁଟର କାଠ ଜବତ କରିଛି । ସୂଚନାଯୋଗ୍ୟ, ଦୀର୍ଘ ଦିନ ହେଲା ଏହି ତୋଟାରେ ବିଭିନ୍ନ କିସମର କାଠ ରଖା ଯାଇଥିବା ନେଇ ଗ୍ରାମ ବାସି ଚିକିଟି ବନ ବିଭାଗକୁ ଜଣାଇଲେ ସୁଦ୍ଧା କୌଣସି ପଦକ୍ଷେପ ନିଆ ଯାଇ ନ ଥିବାରୁ ଏନେଇ ବ୍ରହ୍ମପୁର ଡିଏଫଓଙ୍କୁ ଜଣାଇ ଥିଲେ। ଡିଏଫଓଙ୍କ ନିର୍ଦ୍ଦେଶ କ୍ରମେ ଏକ ଟିମ ଘଟଣା ସ୍ଥଳରେ ପହଞ୍ଚି ବିଭିନ୍ନ କିସମର ପ୍ରାୟ ୫୦ ଫୁଟର କାଠ ଜବତ କରିଛି । ଦୀର୍ଘ ଦିନ ହେଲା ଏହି ଅଞ୍ଚଳରେ ଚୋରା କାଠ ବ୍ୟବସାୟୀ ମାନେ ସକ୍ରିୟ ହୋଇ ଉଠିଛନ୍ତି । ଚିକିଟି ସେକ୍ସନ ଅଧିନସ୍ଥ ରତ୍ନେଇ ଓ ଧାନ୍ୟରାଶି ଜଙ୍ଗଲରୁ ଦିନ ଦ୍ୱିପହର ରେ ମୂଲ୍ୟବାନ କାଠ କାଟି ଆଣି ବିଭିନ୍ନ ଆସବାବ ପତ୍ର ତିଆରି କରି ବିକ୍ରି କରିଥିବା ଅଭିଯୋଗ ହେଉଛି। ଏଥିପ୍ରତି ବିଭାଗୀୟ କର୍ତ୍ତୃପକ୍ଷ ଦୃଷ୍ଟି ଦିଆ ନଗଲେ ଜଙ୍ଗଲ ଧ୍ୱଂସ ହେବାର ଆଶଙ୍କା ରହିଛି। ଚଢ଼ାଉରେ ଡେପୁଟି ରେଞ୍ଜର ସାଗତିକା ସାହୁ, ବନ ରକ୍ଷୀ ଏନ ବାଲାଜୀ, ସୁମିତ୍ରା ଭୂୟାଁ, ବିନାୟକ ରଞ୍ଜନ, ମିତା ରାଣୀ ବିଶ୍ୱାସ ରାୟ ସାମିଲ ଥିଲେ।

# ଭାଷାଭିତ୍ତିକ ରାଷ୍ଟ୍ର ଗଠନରେ ମହାରାଜା କୃଷ୍ଣଚନ୍ଦ୍ରଙ୍କ ଭୂମିକା ଥିଲା



ମହାରାଜାଙ୍କ ଭୂମିକା ସମ୍ପର୍କରେ ଅତିଥିମାନେ ଆଲୋଚନା କରୁଛନ୍ତି।

**ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ଉତ୍କଳ ସମ୍ମିଳନୀ ଗଞ୍ଜାମ ଜିଲା ପକ୍ଷରେ ଉତ୍କଳ ଆଶ୍ରମ ସମ୍ମିଳନୀ କକ୍ଷରେ ମହାରାଜା କୃଷ୍ଣ ଚନ୍ଦ୍ର ଗଜପତିଙ୍କ ଜୟନ୍ତୀ ପାଳିତ ହୋଇଛି। ସମ୍ମିଳନୀ ସଭାପତି ଡ଼ ସୁବ୍ରତ କୁମାର ସାହୁ ଅଧ୍ୟକ୍ଷତା କରିଥିବା ବେଳେ ମୁଖ୍ୟ ଅତିଥି ଭାବେ ଅବସରପ୍ରାପ୍ତ ପ୍ରଧାନ ଶିକ୍ଷକ ହରେକୃଷ୍ଣ ପଣ୍ଡା ଏବଂ ସମ୍ପାଦକ ଦିନବନ୍ଧୁ ଶ୍ରୀପଲ୍ଲବ ଯୋଗଦେଇ କାର୍ଯ୍ୟକ୍ରମକୁ ଉଦଘାଟନ କରିଥିଲେ । ମହାରାଜା କୃଷ୍ଣଚନ୍ଦ୍ରଙ୍କ ଜୀବନୀ ଆଲୋଚନା କରିଥିଲେ। ଭାଷାଭିତ୍ତିକ ଓଡ଼ିଶାକୁ ଏକତ୍ର କରିବାରେ ତାଙ୍କର ଭୂମିକା ଥିଲା। କିନ୍ତୁ ଏବେ ବି ବହୁ ଖାଣ୍ଟି ଓଡ଼ିଆ ଅଂଚଳ ପଡ଼ୋଶୀ ରାଜ୍ୟରେ ରହିଯାଇଛି। ସେମାନଙ୍କ ମଧ୍ୟରେ ଓଡ଼ିଆ ଭାବ ଜାଗ୍ରତ କରିବା ପାଇଁ ଉତ୍କଳ ସମ୍ମିଳନୀ କାର୍ଯ୍ୟ କରୁଛି। ସମ୍ମିଳନୀ ଦ୍ୱାରା ପ୍ରାଥମିକ ବିଦ୍ୟାଳୟ ପ୍ରତିଷ୍ଠା କରି ଶିକ୍ଷକ ନିଯୁକ୍ତ କରି ପ୍ରଥମରୁ ଦଶମ ଶ୍ରେଣୀ ଯାଏଁ ପିଲାଙ୍କ ପାଇଁ ଶିକ୍ଷାବର୍ଷ ଆରମ୍ଭରୁ ଓଡ଼ିଆ ପାଠ୍ୟପୁସ୍ତକ ପଠାଇବା ଇତ୍ୟାଦି ମହାନ କାର୍ଯ୍ୟ କରି ଆସୁଛି। ୩୦ ବର୍ଷ ହେଲା ଏହି କାର୍ଯ୍ୟ ଚାଲିଥିଲେ ବି ବିଗତ ୩ ବର୍ଷ ହେଲା ଦରମା ପ୍ରଦାନ କରାଯାଇ ନଥିବାରୁ ସେମାନେ ହତୋତ୍ସାହିତ ହୋଇ ପଡ଼ିଛନ୍ତି। ମୁଖ୍ୟମନ୍ତ୍ରୀଙ୍କ ପ୍ରତିଶ୍ରୁତି ଅନୁଯାୟୀ ମାସିକ ୭ ହଜାର ଟଙ୍କା ପ୍ରତି ମାସରେ ପ୍ରଦାନ କରିବାକୁ ମୁଖ୍ୟମନ୍ତ୍ରୀଙ୍କ ଦୃଷ୍ଟି ଆକର୍ଷଣ କରିବାକୁ ଆଲୋଚନା କରିଥିଲେ। ସମ୍ମିଳନୀର ଜିଲା ପ୍ରତିନିଧି ଡାକ୍ତର ସମରେନ୍ଦ୍ର କୁମାର ସାହୁ, କୋଷାଧ୍ୟକ୍ଷ କେଦାର ନାଥ ପଣ୍ଡା, ଦେବବ୍ରତ ଦେଓ, ଉପଦେଷ୍ଟା ନବୀନ କୁମାର ପଟ୍ଟନାୟକ, ଶାନ୍ତନୁ ବରାଡ, ପଦ୍ମିନୀ ମିଶ୍ର, ସୁଚେତା ପାଣିଗ୍ରାହୀ ପ୍ରମୁଖ ଯୋଗଦେଇଥିଲେ।

# ବାହାରେ ଛେଳି କାଟିଲେ କାର୍ଯ୍ୟାନୁଷ୍ଠାନ

**ବ୍ରହ୍ମପୁର,୨୭।୪(ଅଶୋକ କୁମାର ସାହୁ)**

ବାହାରେ ଛେଳି କାଟିଲେ ବ୍ରହ୍ମପୁର ମହାନଗର ନିଗମ ପକ୍ଷରୁ କାର୍ଯ୍ୟାନୁଷ୍ଠାନ ଗ୍ରହଣ କରାଯିବ ବୋଲି ବିଏମସି କମିଶନର ଏ.ଶସ୍ୟା ରେଡ୍ଡି କହିଛନ୍ତି। ସହରର ଆସ୍କା ରୋଡ଼ରେ ରହିଛି ଛେଳିକଟା ଗୃହ। ସେହି ଗୃହରେ ଛେଳି ନକାଟି ଅନେକ ଲୋକ ବାହାରେ ଛେଳି କାଟୁଛନ୍ତି। ବାହାରେ ଛେଳିକାଟିଲେ ଲୋକଙ୍କ ଉପରେ ତାହାର ପ୍ରଭାବ ପଡୁଛି। ଏହା ବନ୍ଦ କରିବା ଦରକାର ବୋଲି ବୁଦ୍ଧିଜୀବୀ ମହଲରୁ ମତ ପ୍ରକାଶ ପାଇଛି। ତେଣୁ ବିଏମସି ପକ୍ଷରୁ ଏଭଳି ନିଷ୍ପତ୍ତି ନିଆଯାଇଛି। ମଇ ୧ତାରିଖରୁ ଏ ବାବଦ ଏନଫୋର୍ସମେଣ୍ଟ ଆରମ୍ଭ ହେବ । ସ୍ଲଟର ହାଉସରେ ଛେଳି ନ କାଟି ବାହାରେ କାଟୁଥିବା ଲୋକଙ୍କ ଦୋକାନ ସ୍ଥାୟୀ ଭାବେ ସିଲ କରାଯିବା ସହ ଦୋକାନ ପିଛା ୨୦୦୦ ଟଙ୍କା ଜୋରରିମାନା ଆଦାୟ କରାଯିବ ।

# ବଡ଼ ବଦାଙ୍ଗୀ ଆକ୍ରମଣ ଘଟଣାକୁ ଓଡ଼ିଶା ଦଳିତ ମହାସଭାର ନିନ୍ଦା



ଆକ୍ରମଣର ଶିକାର ହୋଇଥିବା ଦଳିତ ସମ୍ପ୍ରଦାୟର ଲୋକମାନେ।

**ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ଗଞ୍ଜାମ ଜିଲା ସୋରଡ଼ା ବ୍ଲକ ବଡ ବଦାଙ୍ଗୀ ଗ୍ରାମରେ ରବିବାର ଦଳିତ ସମ୍ପ୍ରଦାୟର ଲୋକେ ଏକ ବିବାହ ଶୋଭାଯାତ୍ରାରେ ମୁଖ୍ୟରାସ୍ତାରେ ଯାଉଥିବା ବେଳେ ଗାଁର ସବର୍ଣ୍ଣ ଲୋକେ ଜାତିଆଣ ମନୋଭାବ ନେଇ ସଂଘବଦ୍ଧ ଭାବେ ସେମାନଙ୍କୁ ବିରୋଧ କରିଥିଲେ। ଶୋଭାଯାତ୍ରା ନକରି ଫେରିଯିବାକୁ କହିଥିଲେ । ଶୋଭାଯାତ୍ରାକାରୀମାନେ ସେଥିରେ ରାଜି ନହେବାରୁ ସବର୍ଣ୍ଣ ଲୋକମାନେ ଠେଙ୍ଗାବାଡି ଓ ମାରଣାସ୍ତ୍ରରେ ସେମାନଙ୍କୁ ଆକ୍ରମଣ କରିଥିଲେ । ଏହି ଅତର୍କିତ ଆକ୍ରମଣରେ ୧୦ରୁ ଊର୍ଦ୍ଧ୍ୱ ଦଳିତ ଗୁରୁତର ହୋଇ ଚିକିତ୍ସିତ ହେଉଛନ୍ତି । ଆକ୍ରମଣ ଭୟରେ ଗାଁର ଦଳିତ ଲୋକମାନେ ଘରଦ୍ୱାର ଛାଡି ବାହାରକୁ ଚାଲି ଯାଇଛନ୍ତି । ଓଡିଶା ଦଳିତ ମହାସଭା ଓ ଅଖିଳ ଭାରତ କିଶାନ ମଜଦୁର୍ ସଭା ଏହି ଆକ୍ରମଣକୁ ନିନ୍ଦା କରିବା ସହ ଅପରାଧୀଙ୍କ ବିରୁଦ୍ଧରେ ତୁରନ୍ତ କାର୍ଯ୍ୟାନୁଷ୍ଠାନ ଦାବି କରିଥିବା ଏକ ପ୍ରେସ ବିଜ୍ଞପ୍ତି ମାଧ୍ୟମରେ ଜଣାଇଛନ୍ତି। ବଡବଦାଙ୍ଗି ଗ୍ରାମରେ ଦଳିତ ଲୋକମାନେ ଲଗାତାର ଭାବେ ଜାତିଆଣ ଭେଦଭାବ ଓ ହିଂସାର ଶିକାର ହୋଇ ଆସୁଛନ୍ତି। ଗାଁର ସର୍ବସାଧାରଣ ପୋଖରୀ, ମନ୍ଦିର ଆଦିରେ ଦଳିତମାନଙ୍କ ପ୍ରବେଶ ଉପରେ କଟକଣା ଜାରି କରାଯାଇଛି । ଦୋକାନରୁ ଜିନିଷ ପତ୍ର କିଣିବା ବେଳେ ଦଳିତ ଲୋକଙ୍କ ଜିନିଷ ଫୋପାଡ଼ି ଦେଉଥିବା ଅଭିଯୋଗ ହୋଇଛି।

# ୨ ପରିବାର ମଧ୍ୟରେ ଆକ୍ରମଣ ମାମଲା, ଜେଲ ଗଲେ ବାପ-ପୁଅ

**ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର)**

ଦିଗପହଣ୍ଡି ବ୍ଲକ ଜକର ଗ୍ରାମରେ ଗତ ଶୁକ୍ରବାର ରାତିରେ ପାରିବାରିକ ହିଂସାର ୨ ପରିବାରର ୬ ଜଣ ଆହାତ ହୋଇଥିଲେ। ଆକ୍ରମଣ ପ୍ରତି ଆକ୍ରମଣକୁ ନେଇ କେ.ନୂଆଗାଁ ଥାନାରେ ପୃଥକ ମକଦ୍ଦମା ରୁଜୁ ହୋଇଥିଲା। ପୋଲିସ ଘଟଣାର ତଦନ୍ତ କରି ସୋମବାର ଜକର ଗ୍ରାମର ତଳ ସାହିର ଅଭିଯୁକ୍ତ ଘନ ଗୌଡ଼ ଓ ତାଙ୍କ ପୁଅ କିରଣ ଗୌଡ଼ଙ୍କୁ ଗିରଫ କରି ଥାନା ମାମଲା ନଂ.୧୦୭/୨୬ ଅନୁଯାୟୀ ଉଭୟଙ୍କୁ କୋର୍ଟ ଚାଲାଣ କରିଥିବା ଜଣାପଡିଛି। ଜାମିନ ଆବେଦନ ନାମଞ୍ଜୁର ହେବାରୁ ଉଭୟଙ୍କୁ ଦିଗପହଣ୍ଡି ସବ୍‌ଜେଲ ହାଜତକୁ ପଠାଇ ଦିଆଯାଇଛି। ଗ୍ରାମର ଘନ ଗୌଡ଼ଙ୍କ ଝିଅ ଲିଜାଙ୍କ ସହ ନୂଆସାହିର ଟୁଟୁ ଗୌଡ଼ଙ୍କ ପୁଅ ରବିନ୍ଦ୍ର ବିବାହ କରିଥିଲେ। ବୈବାହିକ ଜୀବନ କିଛିଦିନ ସୁଖଶାନ୍ତିରେ ଚାଲିଥିଲା। ପରବର୍ତ୍ତୀ ସମୟରେ ସ୍ୱାମୀ ଓ ଶଶୁର ଘର ଲୋକଙ୍କ ନିର୍ଯାତନା ସହି ନପାରି ଲିଜା ଗତ ୪ ମାସ ପୂର୍ବେ ବାପା ଘରକୁ ଚାଲି ଆସିଥିଲେ। ଉଭୟ ପରିବାର ପଥର ବ୍ୟବସାୟ କରୁଥିବା ଗତ କିଛିଦିନ ତଳେ ବାହୁଦା ନଦୀରୁ ବାଲି ଉଠାଣକୁ ନେଇ ୨ ପରିବାର ମଧ୍ୟରେ ପାଟିତୁଣ୍ଡ ହୋଇଥିଲା। ପରବର୍ତ୍ତୀ ସମୟରେ ଶୁକ୍ରବାର ରାତିରେ ଏହା ଉଗ୍ରରୂପ ନେଇଥିଲା। ଘନ ଓ ତାଙ୍କ ପୁଅ କିରଣଙ୍କ ସମେତ ଅନ୍ୟ ଗାଁର କିଛି ଯୁବକ ୨ ଟି ବାଇକରେ ଟୁଟୁଙ୍କ ଘରକୁ ଆସି ଗଣ୍ଡଗୋଳ କରିବା ସହ ତାଙ୍କ ଦୁଇପୁଅ ରବିନ୍ଦ୍ର ଓ ସୁନୀଲ ଏବଂ ବଡଭାଇ ବାବୁ ଗୌଡଙ୍କୁ ଆକ୍ରମଣ କରିଥିଲେ। ପ୍ରତିବାଦରେ ଟୁଟୁଙ୍କ ପରିବାର ମଧ୍ୟ ଘନ ଓ ତାଙ୍କ ପୁଅ କିରଣଙ୍କୁ ଘାତକ ଆକ୍ରମଣ କରିଥିଲେ।

ଏହି ଆକ୍ରମଣ ଓ ପ୍ରତି ଆକ୍ରମଣରେ ଟୁଟୁଙ୍କ ସମେତ ତାଙ୍କ ବଡ଼ଭାଇ ବାବୁ, ଦୁଇପୁଅ ରବିନ୍ଦ୍ର ଓ ସୁନୀଲ ଏବଂ ଅପରପକ୍ଷର ଲିଜାଙ୍କ ବାପା ଘନ ଓ ଭାଇ କିରଣ ଆହାତ ହୋଇଥିଲେ। ଘଟଣାପରେ ଖବରପାଇ କେ.ନୂଆଗାଁ ପୋଲିସ ଟିମ୍ ଗ୍ରାମରେ ପହଞ୍ଚି ତଦନ୍ତ କରିବା ସହ ସମସ୍ତ ଆହତଙ୍କୁ ନିକଟସ୍ଥ ଚିକିଟି ଗୋଷ୍ଠୀ ସ୍ୱାସ୍ଥ୍ୟକେନ୍ଦ୍ରରେ ଭର୍ତ୍ତି କରିଥିଲେ।

# ଅଭିଯୁକ୍ତଙ୍କୁ ନେଇ ଡ୍ୟାମରେ ବନ୍ଧୁକ ଖୋଜିଲା ପୋଲିସ

**ଗୋପାଳପୁର,୨୭।୪(ନବୀନରାଜ୍ ଆଚାରୀ)**

## ଜମି ବ୍ୟବସାୟୀ ସୁଧୀର ହତ୍ୟା ମାମଲା

### ■ ରିମାଣ୍ଡର ଶେଷ ଦିନରେ ୫ ଅଭିଯୁକ୍ତଙ୍କୁ ମାରାଥନ ଜେରା

ଗଞ୍ଜାମ ଜିଲା ଗୋପାଳପୁର ଥାନା ଅଧୀନ ସତ୍ୟନାରାୟଣପୁର ଗ୍ରାମର ଜମି ବ୍ୟବସାୟୀ ସୁଧୀର ପାତ୍ରଙ୍କୁ ଅପହରଣ ପରେ ହତ୍ୟା ମାମଲାରେ ପୋଲିସ ରବିବାର ରାତିରେ ଶାର୍ପ ଶୁଟର ସୂର୍ଯ୍ୟ ପ୍ରତାପ ସିଂଙ୍କୁ ନେଇ ସିନ୍ ରିକ୍ରେସନ କରିଥିଲା। ଏହି ସମୟରେ ସେ କହିଥିଲେ, ଘଟଣା ଦିନ ୩ଟି ବନ୍ଧୁକ ଆଣିଥିଲି। ଗୋଟିଏ ପୋଲିସ ଜବତ କରିଛି। ଅନ୍ୟ ୨ଟି ଆଶିଷ ମହାପାତ୍ରଙ୍କୁ ଦେଇଥିଲି, ଆଶିଷ ଏହାକୁ ବାଘୁଆ ଡ୍ୟାମରେ ପକାଇ ଦେଇଥିବା ସିନ ରିକ୍ରେସନ ବେଳେ କହିଥିଲେ। ସୂର୍ଯ୍ୟପ୍ରତାପଙ୍କ ଏହି ବୟାନକୁ ଭିତ୍ତି କରି ପୋଲିସ ଓ ଅଗ୍ନିଶମବାହିନୀ କର୍ମଚାରୀ ରବିବାର ବିଳମ୍ବିତ ରାତିଯାଏ ବାଘୁଆ ଡ୍ୟାମରେ ବନ୍ଧୁକ ଖୋଜାଖୋଜି କରିଥିଲେ ମଧ୍ୟ ପାଇ ନ ଥିଲେ। ସୁଧୀରଙ୍କୁ ଅପହରଣ ଦିନ ସେମାନେ ତାଙ୍କୁ କିଭଳି ମାଡ଼ ମାରି ତାଙ୍କ ପ୍ରତି ଅତ୍ୟାଚାର କରିଥିଲେ ଏବଂ ହତ୍ୟା କରି ଘଟଣା ସ୍ଥଳରୁ ୨୦ କି.ମି. ଦୂରରେ ନେଇ କିରିଆଆମ୍ବ ଜଙ୍ଗଲରେ ମୃତଦେହ ଫିଙ୍ଗି ଦେଇଥିଲେ ସେ ସମ୍ପର୍କରେ ସୂର୍ଯ୍ୟପ୍ରତାପଙ୍କ ସହ ଅନ୍ୟ ଅଭିଯୁକ୍ତମାନେ କହିଥିଲେ। ମାମଲା ତ୍ୱରାନିତ କରିବାକୁ ପୋଲିସ ସେମାନଙ୍କୁ ୩ଦିନିଆ ରିମାଣ୍ଡରେ ଆଣିଥିଲା। ଅଭିଯୁକ୍ତମାନଙ୍କୁ ଗୋପାଳପୁର ଥାନାରେ ରଖି ମାରାଥନ୍ ଜେରା କରି ଏଥିରୁ ବହୁ ନୂଆ ତଥ୍ୟ ପାଇ ପୋଲିସ ତଦନ୍ତକୁ ଜୋରଦାର କରିଥିଲା।

ଅନ୍ୟପକ୍ଷରେ ସୁଧୀରଙ୍କ ମା’ବାପାଙ୍କ ବୟାନକୁ ଆଧାର କରି ପୋଲିସ କେତେଜଣ ବ୍ୟକ୍ତିଙ୍କୁ ତଦନ୍ତ ପରିସରକୁ ଆଣିଛି। ପାରିବାରିକ କଳହ ଓ ସମ୍ପତ୍ତିକୁ ନେଇ ହିଁ ସୁଧୀରଙ୍କ ହତ୍ୟାର ମୁଖ୍ୟ କାରଣ ହୋଇଥିବା ପୋଲିସ ସନ୍ଦେହ ଦୃଢ଼ୀଭୂତ ହେବାରେ ଲାଗିଛି। ସୁଧୀରଙ୍କ ବଡ଼ଭାଇଙ୍କ ୧୦ ମାସ ତଳେ ମୃତ୍ୟୁ ଘଟିଥିଲା। ତାଙ୍କ ଝିଅାରି ନିବେଦିତା ପାତ୍ର ତାଙ୍କ ବାପାଙ୍କ ଗୁଣି ଗାରେଡ଼ି ଯୋଗୁ ମୃତ୍ୟୁ ହୋଇଥିବା ସନ୍ଦେହ କରିଆସୁଥିଲେ। ତେବେ ସୁଧୀର ଜମିବାଡ଼ିକୁ ବଜାରରେ ଅଧିକ ଦାମରେ ବିକ୍ରି କରି ନିବେଦିତାଙ୍କୁ କମ ଦାମରେ ବିକ୍ରି କରୁଥିବା କହୁଥିଲେ, ତାହା ହତ୍ୟାର କାରଣ ବୋଲି ପୋଲିସ ତଦନ୍ତ ବେଳେ ସୂଚନା ପାଇଛି। ମଙ୍ଗଳବାର ପୋଲିସ ଡାକ୍ତର ସେମାନଙ୍କ ସ୍ୱାସ୍ଥ୍ୟ ପରୀକ୍ଷା ପରେ ସମସ୍ତ ଅଭିଯୁକ୍ତଙ୍କୁ କୋର୍ଟରେ ହାଜର କରିବ। ଆବଶ୍ୟକ ପଡିଲେ ଅଭିଯୁକ୍ତମାନଙ୍କୁ ପୁଣି ରିମାଣ୍ଡରେ ଅଣାଯିବ ବୋଲି ଜଣେ ବରିଷ୍ଠ ପୋଲିସ ଅଧିକାରୀ କହିଛନ୍ତି।

ଗୋପାଳପୁର ଥାନା ଅଧୀନ ସତ୍ୟ ନାରାୟଣପୁର ଗ୍ରାମର ସୁଧୀର ଜଣେ ଜମି ବ୍ୟବସାୟୀ ଥିଲେ। ଭଲ ଭଲିବଲ ଖେଳାଳି ଭାବେ ମଧ୍ୟ ତାଙ୍କର ପରିଚୟ ରହିଥିଲା। ଗତ ୧୫ ତାରିଖରେ ସେ ବଣଗାଁକୁ ଅପରାହ୍ନ ସାଢେ ୪ଟାରେ ବାଇକ୍ (ଓଆର୦୭ ଏନ ୩୫୨୭) ଯୋଗେ ଭଲିବଲ ଗ୍ରାଉଣ୍ଡକୁ ଯାଇଥିଲେ। ସେଠାରୁ ଘରକୁ ଫେରିବା ସମୟରେ ପ୍ରେମ ସଂସ୍ଥା ଛକ ନିକଟରୁ କେତେ ଜଣ ଦୁର୍ବୃତ୍ତ ତାଙ୍କୁ ବନ୍ଧୁକ ଦେଖାଇ ଅପହରଣ କରି ନେଇଥିଲେ। ତାଙ୍କ ସ୍ତ୍ରୀଙ୍କୁ ଅପହରଣକାରୀମାନେ ୨ କୋଟି ଟଙ୍କା ଦେବାକୁ ଦାବି କରିଥିଲେ। ମାତ୍ର ଟଙ୍କା ନ ପାଇବାରୁ ଅଭିଯୁକ୍ତମାନେ ସୁଧୀରଙ୍କୁ ହତ୍ୟା କରି ସୋରଡ଼ା ଥାନା ଅଞ୍ଚଳ କିରିଆଆମ୍ବ ଜଙ୍ଗଲରେ ଫିଙ୍ଗି ଚାଲିଯାଇଥିଲେ। ଘଟଣାର ୮ ଦିନ ପରେ ସୁଧୀରଙ୍କ ମୃତଦେହ ପୋଲିସ ଠାବ କରିଥିଲା।

# ମେଧାବୃତ୍ତି ପରୀକ୍ଷାରେ ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିରର ସଫଳତା



ମେଧାବୃତ୍ତି ପରୀକ୍ଷାରେ ଉତ୍ତୀର୍ଣ୍ଣ ହୋଇଥିବା ଛାତ୍ରୀଛାତ୍ରମାନେ।

**ବ୍ରହ୍ମପୁର,୨୭।୪(ସୁବାସ ଚନ୍ଦ୍ର ପାଢ଼ୀ)**

ଗୋସାଇଁନୂଆଗାଁ ସରସ୍ୱତୀ ଶିଶୁ ବିଦ୍ୟା ମନ୍ଦିର ମେଧାବୃତ୍ତି ପରୀକ୍ଷାରେ ସଫଳତା ପାଇଛି। ଶିକ୍ଷା ବିକାଶ ସମିତି ଓଡ଼ିଶା ଆନୁକୁଲ୍ୟରେ ଅନୁଷ୍ଠିତ ପରୀକ୍ଷାରେ ସଫଳ ହୋଇଥିବା ଛାତ୍ରୀଛାତ୍ରଙ୍କୁ ସୋମବାର ସମ୍ବର୍ଦ୍ଧିତ କରାଯାଇଛି। ବିଦ୍ୟାଳୟର ସଭାପତି ପ୍ରଦୀପ କୁମାର ଦାଶ କାର୍ଯ୍ୟକ୍ରମରେ ଅଧ୍ୟକ୍ଷତା କରିଥିଲେ। ବିଦ୍ୟାଳୟର ସହପ୍ରଧାନାଚାର୍ଯ୍ୟ ପତିତପାବନ ଶତପଥୀ ଅତିଥି ପରିଚୟ ଦେଇଥିଲେ। ବିଦ୍ୟାଳୟର ସଂପାଦକ ପ୍ରକାଶଚନ୍ଦ୍ର ପାତ୍ର ମେଧାବୀ ଛାତ୍ରୀଛାତ୍ର ଓ ଅଭିଭାବକଙ୍କୁ ଉପଢୌକନ ପ୍ରଦାନ କରିଥିଲେ । ବିଶିଷ୍ଟ ସମାଜସେବୀ ତଥା ବିଦ୍ୟାଳୟ ଉପସଭାପତି ପ୍ରଶାନ୍ତ କୁମାର ସାହୁ, ଉପଦେଷ୍ଟା ଭଗବାନ ଚୌଧୁରୀ, ଭାଗୀରଥି ସାହୁ ,ବିଦ୍ୟାଳୟର ଯୁଗ୍ମ ସଂପାଦିକା ମନୋଜ ମଞ୍ଜରୀ ଦେବୀ, ଗୀତାଞ୍ଜଳି ମହାପାତ୍ର, କୋଷାଧ୍ୟକ୍ଷ ଦଣ୍ଡପାଣି ସାହୁ ଉପସ୍ଥିତ ଥିଲେ । ୩ୟ, ୫ମ , ୭ମ ଓ ୯ମ ଶ୍ରେଣୀରେ ପ୍ରାଦେଶିକ ମେଧାପରୀକ୍ଷା ଓ ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭା ପରୀକ୍ଷାରେ ୩ୟ ଶ୍ରେଣୀରେ ଇପସିତା ଚୌଧୁରୀ, ଉଦିତାଂଶୁ ଚୌଧୁରୀ , ଆହାନା ରାଉଳ, ରୁଦ୍ର ପ୍ରସାଦ ସାହୁ , ଆକାଶ ସାବତ , ପଞ୍ଚମ ଶ୍ରେଣୀରେ ସୌମିତ୍ରି ପ୍ରିୟବ୍ରତ ପଣ୍ଡା , ରତ୍ନୁପର୍ଣ୍ଣା ଖଣ୍ଡୁଆଳ, ସାଇ କୁମାର ସେଠୀ , ଶ୍ରୀଭାରତୀକୃଷ୍ଣ ଗଣିତ ପ୍ରତିଭାରେ ସୌମିତ୍ରି ପ୍ରିୟବ୍ରତ ପଣ୍ଡା, ୭ମ ଶ୍ରେଣୀର ସାଇପ୍ରସାଦ ରଥ, ୯ମ ଶ୍ରେଣୀର ଶିବରାମ ଆପଟ୍ଟ , ଶ୍ରୀକ୍ରିଷ୍ଟା ମହାପାତ୍ର ସଫଳତା ପାଇଛନ୍ତି । ଏହା ପଛରେ ସମସ୍ତ ଗୁରୁଜୀ ଗୁରୁମା ଓ ପ୍ରଧାନାଚାର୍ଯ୍ୟ ଏବଂ ପରିଚାଳନା ସମିତିର ପ୍ରଚେଷ୍ଟା ଜାରି ରହିଛି ।

# ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ

**ବ୍ରହ୍ମପୁର ,୨୭।୪(ସୁବାସ ଚନ୍ଦ୍ର ପାଢ଼ି)**

ହିଞ୍ଜିଳିକାଟୁ ନିକଟସ୍ଥ ମା’ ଘୋଡ଼େଇଶୁଣି ପୀଠରେ ରବିବାର କୃପାସିନ୍ଧୁପୁର ଶାସନର ସତ୍ୟବାଦୀ ଉଚ୍ଚ ବିଦ୍ୟାଳୟର ୧୯୯୭-୯୮ ମାଟ୍ରିକ ବ୍ୟାଚର ବନ୍ଧୁ ମିଳନ ହୋଇଥିଲା। ଉକ୍ତ ବ୍ୟାଚର ପ୍ରାୟ ସମସ୍ତ ଛାତ୍ରୀଛାତ୍ର ଉପସ୍ଥିତ ରହି ପ୍ରଥମେ ପରସ୍ପରକୁ ସ୍ୱାଗତ କରିଥିଲେ । ତାପରେ ଗୁରୁ ପୂଜନ ତଥା ସେମାନଙ୍କୁ ଶିକ୍ଷାଦାନ କରିଥିବା ଶିକ୍ଷକ ପୂର୍ଣ୍ଣଚନ୍ଦ୍ର ପତି, ପୂର୍ଣ୍ଣଚନ୍ଦ୍ର ଦାସ ଓ ବାବାଜୀ ଚରଣ ତ୍ରିପାଠୀଙ୍କୁ ସମ୍ବର୍ଦ୍ଧିତ କରାଯାଇଥିଲା। ଦୀର୍ଘ ୩୦ ବର୍ଷ ତଳର ଗୁରୁ ମାନଙ୍କୁ ପାଖରେ ପାଇ ସମସ୍ତେ ଖୁସି ହୋଇଥିଲେ। ତାପରେ କିଛି ପୁରୁଣା ସ୍ମୃତି ପରସ୍ପର ମଧ୍ୟରେ ବାଣ୍ଟିଥିଲେ। ଶେଷରେ ପରଲୋକଗତ ବନ୍ଧୁଙ୍କ ଉଦ୍ଦେଶ୍ୟରେ ନୀରବ ପ୍ରାର୍ଥନା କରାଯାଇଥିଲା। ପରେ ଭୋଜି ହୋଇଥିଲା। ସିଏଚ ମହେନ୍ଦ୍ର, ଡି ଜିତେନ୍ଦ୍ର, ସୁଶାନ୍ତ , ସୁନିତା, ସୁମିତ୍ରା, ମହାଲକ୍ଷ୍ମୀ, ସସ୍ମିତା, ଈଶ୍ୱର, ବିଭୂତି, ସୁଶାନ୍ତ, ମୋହନ ପ୍ରମୁଖ ଛାତ୍ରୀଛାତ୍ର ଉପସ୍ଥିତ ଥିଲେ।



ବନ୍ଧୁମିଳନରେ ଏକାଠି ହୋଇଥିବା ବନ୍ଧୁମାନେ।

# ମା’କାଳୁଆଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ଆରମ୍ଭ

**ଦିଗପହଣ୍ଡି,୨୭।୪(ଅଶେଷ ନାଥ ମିଶ୍ର)**

## କଳସ ଯାତ୍ରାରେ ୩ ଶହରୁ ଊର୍ଦ୍ଧ୍ୱ ଶ୍ରଦ୍ଧାଳୁ ସାମିଲ

ଦିଗପହଣ୍ଡି ବ୍ଲକ୍ ନିମଖଣ୍ଡିପେଣ୍ଠ ପଞ୍ଚାୟତ କୁରୁବୁଲି ଗ୍ରାମରେ ମା’ କାଳୁଆ ଠାକୁରାଣୀଙ୍କ ମନ୍ଦିର ପ୍ରତିଷ୍ଠା ମହୋତ୍ସବ ସୋମବାରଠାରୁ ଆରମ୍ଭ ହୋଇଛି। ଗ୍ରାମରେ ବହୁ ପୁରାତନ କାଳରୁ ମା’କାଳୁଆ ଠାକୁରାଣୀ ପୂଜା ପାଇ ଆସୁଥିଲେ ମଧ୍ୟ ମନ୍ଦିର ଅବସ୍ଥା ଜରାଜୀର୍ଣ୍ଣ ହୋଇ ପଡ଼ିଥିଲା। ଗ୍ରାମବାସୀ ମନ୍ଦିରର ପୁନରୁଦ୍ଧାର କରି ନୂତନ ମନ୍ଦିର ତୋଳିଥିଲେ। ଏହି ପ୍ରତିଷ୍ଠା ଉତ୍ସବ ଅବସରରେ ହୋଇଥିବା ମହାଯଜ୍ଞରେ ସମସ୍ତ ଗ୍ରାମବାସୀ ସାମିଲ ହୋଇଛନ୍ତି। ସୋମବାର ସକାଳୁ ଗ୍ରାମର ୩ ଶହରୁ ଊର୍ଦ୍ଧ୍ୱ ମହିଳା ଓ ପୁରୁଷ ନିକଟସ୍ଥ ଘୋଡାହାଡ ନଦୀରୁ ପୂର୍ଣ୍ଣକଳସ ଧରି ଶୋଭାଯାତ୍ରାରେ ମନ୍ଦିରରେ ପହଞ୍ଚିବା ପରେ ଦୀକ୍ଷା ଗ୍ରହଣ, ଅଙ୍କୁରାରୋପଣ, ମଣ୍ଡଳାଧିବାସ, ନାମଯଜ୍ଞ, ଘୃତଯଜ୍ଞ ଅନୁଷ୍ଠିତ ହୋଇଥିଲା। ଯଜ୍ଞକୁଣ୍ଡ ସମ୍ମୁଖରେ କର୍ତ୍ତା ରୂପେ ସରପଞ୍ଚ ସସ୍ମିତାରାଣୀ ଗୌଡ଼, ସ୍ୱାମୀ ସୀମାଞ୍ଚଳ ଗୌଡ ଏବଂ ସାମାଜିକ କର୍ମୀ ରଞ୍ଜନ ପାଣିଗ୍ରାହୀ ତାଙ୍କ ସହଧର୍ମିଣୀ ପରିଣୀତା ପାଣିଗ୍ରାହୀ ଦାୟିତ୍ୱ ତୁଲାଇଥିଲେ। ମହାଯଜ୍ଞର ପ୍ରଥମ ଦିବସରେ ବିଜେଡି ରାଜ୍ୟ କାର୍ଯ୍ୟକାରିଣୀ ସଦସ୍ୟ ବିପ୍ଳବ ପାତ୍ର ଯୋଗଦେଇ ମା’ଙ୍କ ପୂଜାର୍ଚ୍ଚନା କର ଫେରିଥିଲେ। ଆସନ୍ତା ଶୁକ୍ରବାର ମହାଯଜ୍ଞ ପୂର୍ଣ୍ଣାହୁତି ହେବ ବୋଲି ମହୋତ୍ସବ କମିଟି ପକ୍ଷରୁ କୁହାଯାଇଛି। ପଣ୍ଡିତ ରାଜେନ୍ଦ୍ର ଦାସଙ୍କ ନେତୃତ୍ୱରେ ପୁରୋହିତ ସୁଧାଂଶୁ ଶେଖର କର, ଗୋପୀନାଥ କର, ବିଧାନ କର ମହାଯଜ୍ଞ ପରିଚାଳନା କରୁଥିବା ବେଳେ ସଭାପତି ସିମାଞ୍ଚଳ ଗୌଡ, ସମ୍ପାଦକ ତଥା ଜିଲା ପରିଷଦ ସଦସ୍ୟ ରାଧାକାନ୍ତ ମହାକୁଡ, ସାମାଜିକ କର୍ମୀ ଶିବ ମହାକୁଡ, ଭଗବାନ ଗୌଡ଼, ଡାକ ଗୌଡ ଓ ଅନ୍ୟମାନେ ସହଯୋଗ କରୁଛନ୍ତି।

# ବୈଷୟିକ ଶିକ୍ଷାର୍ଥୀଙ୍କୁ ଟାଟା ଫାଉଣ୍ଡେଶନର ୧ ଲକ୍ଷ ୨୦ ହଜାର ଟଙ୍କାର ସବ୍‌ସିଡି

**ବ୍ରହ୍ମପୁର,୨୭।୪(ଅଶୋକ କୁମାର ସାହୁ)**

ବୈଷୟିକ ଶିକ୍ଷା କ୍ଷେତ୍ରରେ ଛାତ୍ରୀଛାତ୍ରଙ୍କ ପ୍ରୋତ୍ସାହନ ଉଦ୍ଦେଶ୍ୟରେ ଟାଟା ଷ୍ଟିଲ ଫାଉଣ୍ଡେସନ (ଟିଏସଏଫ) ପକ୍ଷରୁ ଏକ ଗୁରୁତ୍ୱପୂର୍ଣ୍ଣ ନିଷ୍ପତ୍ତି ନିଆଯାଇଛି। ନିଜର ବୈଷୟିକ ପ୍ରଶିକ୍ଷଣ ପ୍ରତିଷ୍ଠାନରୁ କୋର୍ ଡିପ୍ଲୋମା କରୁଥିବା ପିଲାଙ୍କ ପାଇଁ ସଂସ୍ଥା ପକ୍ଷରୁ ୧ଲକ୍ଷ ୨୦ ହଜାର ଟଙ୍କାର ସବ୍‌ସିଡି ଘୋଷଣା କରାଯାଇଛି। ଏହି ଯୋଜନା ଅଧୀନରେ ପ୍ରତ୍ୟେକ ଯୋଗ୍ୟ ଶିକ୍ଷାର୍ଥୀଙ୍କୁ ଡିପ୍ଲୋମା ପାଠ୍ୟକ୍ରମ ଅବଧି ମଧ୍ୟରେ ସେମିଷ୍ଟର ପିଛା ୨୦ ହଜାର ଟଙ୍କା ହିସାବରେ ୧ଲକ୍ଷ ୨୦ ହଜାର ଟଙ୍କା ପର୍ଯ୍ୟନ୍ତ ଆର୍ଥିକ ସହାୟତା ପ୍ରଦାନ କରାଯିବ। ଏହି ସବସିଡି ଦ୍ୱାରା ଓ ଗୋପାଳପୁର ସ୍ଥିତ ଜେ ଏନ ଟାଟା ବୈଷୟିକ ଶିକ୍ଷା କେନ୍ଦ୍ରର ଛାତ୍ରୀଛାତ୍ରମାନେ ଉପକୃତ ହେବେ। ଜାମସେଦପୁର ଗୋଲମୁରୀ ସ୍ଥିତ ଆର ଡି ଟାଟା ବୈଷୟିକ ଶିକ୍ଷା କେନ୍ଦ୍ର ଏବଂ ବର୍ମାମାଇନ୍ସ ସ୍ଥିତ ଟାଟା ଷ୍ଟିଲ ବୈଷୟିକ ପ୍ରତିଷ୍ଠାନର ଛାତ୍ରୀଛାତ୍ର ମଧ୍ୟ ଏହି ସବ୍‌ସିଡି ଦ୍ୱାରା ଉପକୃତ ହେବେ। ଏନେଇ ଫାଉଣ୍ଡେସନର ଦକ୍ଷତା ବିକାଶ ବିଭାଗ ମୁଖ୍ୟ କ୍ୟାପଟେନ ଅମିତାଭ କହିଛନ୍ତି, ଯୁବପିଢ଼ିଙ୍କୁ ଗୁଣାତ୍ମକ ବୈଷୟିକ ତଥା ଦକ୍ଷତା ଭିତ୍ତିକ ଶିକ୍ଷା ପ୍ରଦାନ କରିବା ପାଇଁ ଫାଉଣ୍ଡେସନ ସବୁବେଳେ ପ୍ରତିଶ୍ରୁତିବଦ୍ଧ। ଛାତ୍ରୀଛାତ୍ରଙ୍କ ଉପରୁ ଆର୍ଥିକ ବୋଝ ହ୍ରାସ କରିବା ସହ ଉନ୍ନତ ବୈଷୟିକ ଶିକ୍ଷାର ପ୍ରସାର କରିବା ଉଦ୍ଦେଶ୍ୟରେ ଏହା ଆରମ୍ଭ କରାଯାଇଛି। ନେଟ୍ଟର ଟେକ୍ନିକାଲ ଟ୍ରେନିଂ ଫାଉଣ୍ଡେସନ ସହଭାଗିତାରେ ଏହା କାର୍ଯ୍ୟକାରୀ କରାଯାଇଛି। ଗୋପାଳପୁରସ୍ଥିତ ଜେ ଏନ ଟାଟା ବୈଷୟିକ ଶିକ୍ଷାକେନ୍ଦ୍ରରେ ‘ଡିପ୍ଲୋମା ଇନ ମେକାଟ୍ରୋନିକ୍ସ ଇଞ୍ଜିନିୟରିଂ ଆଣ୍ଡ ସ୍ମାର୍ଟ ଫ୍ୟାକ୍ଟ୍ରି-ସିପି୧୫’ ପାଠ୍ୟକ୍ରମ ଉପଲବ୍ଧ ଅଛି। ଏହା ମେକାନିକାଲ ଇଞ୍ଜିନିୟରିଂ, ଇଲେକ୍ଟ୍ରୋନିକ୍ସ, ଅଟୋମେସନ ଏବଂ ଡିଜିଟାଲ ମ୍ୟାନୁଫ୍ୟାକ୍ଚରିଂ ଟେକ୍ନୋଲୋଜିର ଏକ ସମନ୍ୱିତ ପାଠ୍ୟକ୍ରମ। ଏଠାରେ ପ୍ରାକ୍ଟିକାଲ ଶିକ୍ଷା, ପ୍ରୋଜେକ୍ଟ-ଭିତ୍ତିକ ପ୍ରଶିକ୍ଷଣ ଏବଂ ଶିଳ୍ପ କ୍ଷେତ୍ରର ପ୍ରତ୍ୟକ୍ଷ ଅଭିଜ୍ଞତା ଉପରେ ଗୁରୁତ୍ୱ ଦିଆଯାଉଛି। ସ୍ମାର୍ଟ କ୍ଲାସରୁମ୍, ଉନ୍ନତ ପରୀକ୍ଷାଗାର, କର୍ମଶାଳା ଏବଂ ଡିଜିଟାଲ ଶିକ୍ଷା ସମ୍ବଳ ମାଧ୍ୟମରେ ଏହି ଅନୁଷ୍ଠାନ ଅନେକ ଶିକ୍ଷାର୍ଥୀଙ୍କୁ ଦେଶର ଅଗ୍ରଣୀ କମ୍ପାନୀଗୁଡ଼ିକୁ ନିଯୁକ୍ତି ଦେବାରେ ସଫଳ ହୋଇଛି।

